## ସଂକ୍ଷେପରେ



### ସରସ୍ୱତୀ ବିଦ୍ୟାମନ୍ଦିରରେ ସମ୍ବିଧାନ ଦିବସ

ଦାମନଯୋଡ଼ି, ୨୭।୧୧ (ଡି.ଏନ୍.ଏ.): ନାଲ୍କୋ ଟାଉନଶିପ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାମନ୍ଦିରର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ଗହଣରେ ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ଅନୀତା ଭୋଇ ସମ୍ବିଧାନକୁ ସମ୍ମାନ ଜଣାଇବା ତଥା ସମସ୍ତ ନିୟମକୁ ମାନିବା ଆମର କର୍ତ୍ତବ୍ୟ ବୋଲି ଶପଥପାଠ କରାଇବା ସହିତ ଭାରତୀୟ ସମ୍ବିଧାନର ପ୍ରସ୍ତୁତି ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଶପଥ ନେଲା ଭିଏସ୍ ବିଦ୍ୟାଳୟ ଛାତ୍ର ପରିଷଦ

ସେମିଲିଗୁଡ଼ା,୨୭।୧୧(ସ୍ୱ.ପ୍ର.)

ସୁନାବେଡ଼ା ମିଗ ନଗରୀସ୍ଥିତ ଭିଏସ୍ ବିଦ୍ୟାଳୟର ନୂତନ ଛାତ୍ର ପରିଷଦ ଗଠନ କରାଯାଇ ଶପଥ ପାଠ ଉତ୍ସବ ଆୟୋଜିତ ହୋଇଛି। ଅଧ୍ୟକ୍ଷ ହେମନ୍ତ ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ଏରୋନଟିକସ ଏଜୁକେଶନ ସୋସାଇଟିର ସାଧାରଣ ସମ୍ପାଦକ ସୁଦୀପ୍ତ ଚାଟାର୍ଜି ମୁଖ୍ୟ ଅତିଥି, କୋଷାଧ୍ୟକ୍ଷ ଶ୍ରୀକାନ୍ତ ମହାପାତ୍ର ଓ ଭିଏସ୍ ବିଦ୍ୟାଳୟର ସମ୍ପାଦକ ତନବୀର ଆଲମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ପରିଷଦର ନୂତନ କର୍ମକର୍ତ୍ତାଙ୍କୁ ବ୍ୟାଜ ଓ ଫ୍ଲାପ୍ ଦେଇ ଦାୟିତ୍ୱ ଅର୍ପଣ କରିଥିଲେ। ଦ୍ୱାଦଶ ଶ୍ରେଣୀର ଶିବ ପ୍ରସାଦ ପଟ୍ଟନାୟକ ଓ ରଶ୍ମିଶ୍ରୀ ମହାରଣା ସ୍କୁଲ କ୍ୟାପଟେନ, ଆଶୁତୋଷ ରଥ ଓ ସାମିନା ମୁସ୍କାନ ଆକ୍ଟିଭିଟି କ୍ୟାପଟେନ, ଆଲସେନ ମିଞ୍ଜ ଓ ଏନ୍. ରୁଚିତା ପଟ୍ଟନାୟକ ସ୍ପୋର୍ଟ୍ସ କ୍ୟାପଟେନ, ଏକାଦଶ ଶ୍ରେଣୀର ତେଜେଶ୍ୱର ପରିଡ଼ା ଓ ଜଜ୍ଜନା ମହାନ୍ତି ଭାଇସ କ୍ୟାପଟେନ ଭାବେ ଶପଥ ନେଇଥିଲେ। ଅନ୍ୟ ୪୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ପଦବୀ ପାଇଁ ଦାୟିତ୍ୱ ଗ୍ରହଣ କରି ଶପଥ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ସନ୍ଦୀପ ପଟ୍ଟନାୟକ ଶପଥ ପାଠ କରାଇଥିଲେ। ବରିଷ୍ଠ ଶିକ୍ଷକ ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ସଂଚାଳନ ଓ ଉପାଧ୍ୟକ୍ଷ ବାବାଜୀ ଚରଣ ଦଳାଇ ଧନ୍ୟବାଦ ଦେଇଥିଲେ।

# ଜିଲା ମିଲ ମାଲିକ ସଂଘ ଦୁଇଭାଗ

## ଦୁଇ ଗୋଷ୍ଠୀ ଭିତରେ ଟଣାଓଟରା

ଜୟପୁର,୨୭।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଚାଉଳ ମିଲ ମାଲିକ ସଂଘ ଦୁଇଭାଗରେ ବିଭକ୍ତ ହୋଇଛି। ଗତ ସୋମବାର ସଂଘର ଏକ ବୈଠକ ଆୟୋଜନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା । କିନ୍ତୁ ଏହାକୁ ବିରୋଧ କରାଯାଇ ବୁଧବାର ସ୍ଥାନୀୟ ବେଦିକା ଭବନରେ ଜିଲା ମିଲ ମାଲିକ ସଂଘର ଅନ୍ୟ ଏକ ଗୋଷ୍ଠୀ ବୈଠକ ଆୟୋଜନ କରି କର୍ମକର୍ତ୍ତା ଚୟନ କରିଛି। ଏଥିରେ ସଭାପତି ଭାବେ ତାରିଣୀ ପ୍ରସାଦ ପାତ୍ର, ସଂପାଦକ ଗୋପାଳ ପଣ୍ଡା, ଉପସଭାପତି ପି. ସାନମୁଖା, ଯୁଗ୍ମ ସଂପାଦକ ପବନ ପାଢ଼ୀ, କୋଷାଧ୍ୟକ୍ଷ ଏମ. ରଷିକେଶ, ଉପଦେଷ୍ଟା ଭାବେ ଅକ୍ଷୟ ମିଶ୍ର ଓ ଏମ୍. ଲକ୍ଷ୍ମଣମୂର୍ତ୍ତି ମନୋନୀତ ହୋଇଛନ୍ତି । ବୈଠକରେ ଜିଲାର ପ୍ରତିଷ୍ଠାତା ଓ ପୁରାତନ ସଦସ୍ୟଙ୍କ ଉପସ୍ଥିତିରେ ସଂଘର ବାଇ-ଲ ଅନୁଯାୟୀ କର୍ମକର୍ତ୍ତା ଚୟନ କରାଯାଇଥିବା ଯୋଗୁ ଏହା ପ୍ରକୃତ ସଂଘ ବୋଲି ବରିଷ୍ଠ ସଦସ୍ୟମାନେ ଦାବି କରିଛନ୍ତି । ଏନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯିବ ବୋଲି ନବନିଯୁକ୍ତ ସଂପାଦକ ଗୋପାଳ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଗତ ସୋମବାର ବୈଠକରେ ୬୦ରୁ ଅଧିକ ସଦସ୍ୟଙ୍କ ଉପସ୍ଥିତିରେ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ଅଧିକ ସଦସ୍ୟଙ୍କ ଉପସ୍ଥିତି ଥିବା ଯୋଗୁ ଜିଲା ସଂଘ ଭାବେ ପ୍ରଶାସନ ପକ୍ଷରୁ ମାନ୍ୟତା ପାଇବାକୁ ଆଶା ରଖିଛନ୍ତି ସଭାପତି ରାମନାଥ ପାଣିଗ୍ରାହୀ। ଉଲ୍ଲେଖଯୋଗ୍ୟ, ଭାରତୀୟ ଖାଦ୍ୟ ନିଗମ ବିରୋଧରେ ଜିଲା ମିଲ ମାଲିକ ସଂଘର ଅଭିଯୋଗର ତଦନ୍ତକୁ ନେଇ ଏହି ସଂଘରେ ଫାଟ ସୃଷ୍ଟି ହୋଇଛି ।



ବୈଠକରେ ଉପସ୍ଥିତ ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ।

# ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ

ସୁନାବେଡ଼ା,୨୭।୧୧(ଡି.ଏନ୍.ଏ.)

ସୁନାବେଡ଼ାସ୍ଥିତ ପାନ୍ଥିକାଠାରେ କୋରାପୁଟ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଜାତୀୟ ସାମ୍ବାଦିକ ସଂଘର ପୂର୍ବତନ ଉପସଭାପତି ଶଙ୍କର ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘ ଶକ୍ତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ରାଜ୍ୟ ସଭାପତି ଅଜୟ ସାହୁ କହିଥିଲେ, ସେବା, ସମ୍ମାନ, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସାମ୍ବାଦିକତା ଉପରେ ରାଜ୍ୟ ସାମ୍ବାଦିକ ସଂଘ କାମ କରିବ। ସଂଘର ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଅଶୋକ ଷଡ଼ଙ୍ଗୀ ମନୋନୀତ ହୋଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଓମ୍‌ପ୍ରକାଶ ସିହ୍ନା, ପଙ୍କଜ ପାତ୍ର, ବିଦ୍ୟାଧର ଚୌଧୁରୀ, କୀର୍ତ୍ତିଚନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ସୁବାସ ଦାସ ନିଜର ମତ ରଖିଥିଲେ। ଏହି ଅବସରରେ ଅଜୟ ସାହୁ, ନାରାୟଣ କୁଲଦୀପ ଓ ଅକ୍ଷୟ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ବୈଠକ ଆୟୋଜନରେ ଦିଲିପ ମହାନ୍ତି, ସନ୍ତୋଷ ପଲାଇ, ନାରାୟଣ କୁଲଦୀପ, ସଞ୍ଜୀବ ମହାନ୍ତି, ରାଜେନ୍ଦ୍ର ନାୟକ ସହଯୋଗ କରିଥିଲେ।






































ଅନୁସୂଚିତ ଜନଜାତିଙ୍କ ସେବାରେ...
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନବରଙ୍ଗପୁର ଆଦିବାସୀମାନଙ୍କର ସାମୂହିକ ବିକାଶ ପାଇଁ ୧୯୭୯ ମସିହାଠାରୁ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ପଞ୍ଚାୟତ ସମିତିରେ କାର୍ଯ୍ୟ କରିଆସୁଅଛି।
- ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି। ସେମାନଙ୍କୁ ଇଂରାଜୀ ପାଠ୍ୟକ୍ରମ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବା ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି। ଆତ୍ମନିଯୁକ୍ତି/ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡ଼ି ଚାଳନା ଶିକ୍ଷା, ୱେଲ୍‌ଡିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି।
- ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନା ମାଧ୍ୟମରେ ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଲୋକଙ୍କ ପୀଠସ୍ଥଳୀର ପୁନରୁଦ୍ଧାର କରାଯାଇଅଛି ତଥା ସେମାନଙ୍କ ଆମୋଦପ୍ରମୋଦ ସକାଶେ ଜିଲ୍ଲାର ସମସ୍ତ ୧୮୯ଟି ପଞ୍ଚାୟତରେ ଗୋଟିଏ ଲେଖାଏ ସାଂସ୍କୃତିକ କେନ୍ଦ୍ରର ନିର୍ମାଣ କରାଯାଉଅଛି।

ସ୍ୱା./- ଶ୍ରୀଯୁକ୍ତ ଅଣାକାର ଠାକୁର
ଓ.ପ୍ର.ସେ. - ଗ୍ରେଡ୍-ଏ, (ଏସ୍.ବି.)
ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା
ନବରଙ୍ଗପୁର






## ଘନାନ୍ତ୍ରୀ ଗ୍ରାମରେ ଅଜଣା ଜ୍ୱର

# ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

■ ପରିସ୍ଥିତି ନିୟନ୍ତ୍ରଣାଧୀନ
■ ଗୁରୁବାର ଗାଁରେ ଡିଡିଟି ସିଞ୍ଚନ କରାଯିବ

ଗୁଣପୁର,୨୭।୧୧(ଡି.ଏନ୍.ଏ.)

ଗୁଣପୁର ବ୍ଲକ ଘନାନ୍ତ୍ରୀ ଗାଁର ଶତାଧିକ ଲୋକ ଅଜଣା ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ସିଡିଏମଓ ପିଏଚଓ ଡା.ଆର୍ତ୍ତବନ୍ଧୁ ନାୟକ, ଜିଲା ମ୍ୟାଲେରିଆ ଅଧିକାରୀ ଡ.ଲକ୍ଷ୍ମୀ ନାରାୟଣ ପୃଷ୍ଟି, ମ୍ୟାଲେରିଆ ପରାମର୍ଶଦାତା ସନ୍ତୋଷ ପଣ୍ଡା, ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ହିମାଂଶୁ କୁମାର ଦାସ, ଡମ୍ବସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରମାକୃଷ୍ଣ ମିଶ୍ର ପ୍ରମୁଖ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗାଁରେ ଜ୍ୱର ବ୍ୟାପିବା ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ସେଠାରେ କ୍ୟାମ୍ପ କରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଦେଇଥିଲେ। ଲୋକମାନଙ୍କୁ ସଚେତନ ସହ ପରିବେଶ ସଫା କରାଯାଇଥିଲା। ବର୍ତ୍ତମାନ ସେଠାରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଗାଁରେ ମଶାରି ବଣ୍ଟନ ସହ ମଶା ମରା ଧୂଆଁ ଛଡାଯାଇଛି। ଗୁରୁବାର ଗାଁରେ ଡିଡିଟି ସିଞ୍ଚନ କରାଯିବ। ସରପଞ୍ଚ ଜ୍ୟୋତିପ୍ରଭା ଗମାଙ୍ଗଙ୍କ ସମେତ ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ଶବର ଏବଂ ଗ୍ରାମବାସୀ ଏହି କାମରେ ସହଯୋଗ କରିଛନ୍ତି। ଆକ୍ରାନ୍ତଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିରେ ମ୍ୟାଲେରିଆ ନ ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏହା ଭାଇରାଲ ଫିଭର ବୋଲି ବିଭାଗପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟଯେ, ଅନେକ ଗ୍ରାମବାସୀ ଜ୍ୱର ଓ ମୁଣ୍ଡ ବିନ୍ଧାରେ ଆକ୍ରାନ୍ତ ହୋଇଥିଲେ। ଏଥିରୁ ମୁକ୍ତି ପାଇଁ ସେମାନେ ଦେବତାଙ୍କ ଶରଣ ପଶି ପୂଜାର୍ଚ୍ଚନା କରିଥିଲେ। ଗାଁରେ କିନ୍ତୁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ପହଞ୍ଚି ଚିକିତ୍ସା କରିଥିଲେ।


ଘନାନ୍ତ୍ରୀ ଗାଁରେ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଦଳ।

# ଆନ୍ଧ୍ର ସୀମାନ୍ତ ଗାଁରେ ଅବକାରୀ ଚଢ଼ାଉ

ରାୟଗଡ଼ା ଅଫିସ, ୨୭।୧୧

ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଚାଲିଥିବା ମଦ କାରବାର ବନ୍ଦ ପାଇଁ ଓଡିଶା ଓ ଆନ୍ଧ୍ର ଅବକାରୀ ବିଭାଗର ଏକ ଟିମ୍ ସେଠାରେ ଚଢାଉ କରିଛି। ଅଧିକାରୀମାନେ ସେସକାଲ ଥାନା ଅଧୀନ ସାନ୍ଦୁବାଡ଼ି, ରିଙ୍ଗାଲପାଡୁ, ପାଲାଡ଼ା ଗ୍ରାମରେ ଚଢ଼ାଉ କରି ୯୩୫ ଲିଟର ରନ୍ଧାମଦ ସହ ମହୁଲ ପୋଚ, ମହୁଲ ଫୁଲ, ବିଦେଶୀ ମଦ ଜବତ କରିଛନ୍ତି। ଏହି ଚଢାଉବେଳେ ରାୟଗଡ଼ା ଓ ଆନ୍ଧ୍ରର ଅବକାରୀ ବିଭାଗ କର୍ମଚାରୀଙ୍କ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ସୁନୀଲ ଖରା ଉପସ୍ଥିତ ଥିଲେ। ଏଥିରେ ସେସକାଲ ଥାନା ଆଇଆଇସି ବିଜୟଲକ୍ଷ୍ମୀ ହୁଇକା ସହଯୋଗ କରିଥିଲେ।

25th Birthday

Baidyanath Nagar, Jajpur
Many many happy returns of the day. Wish you an auspicious Happy Birth Day
Raani.
With best wishes: Mummy, Baba, Raja & whole family members.
ଧ-୧୫୪୪୧

# ମଣ୍ଡିରେ ଫସଲ ବିକ୍ରି ପାଇଁ ସଚେତନ କଲା ପ୍ରଚାର ରଥ

ଗୁଣପୁର,୨୭।୧୧(ଡି.ଏନ୍.ଏ.)

ମଣ୍ଡିରେ ଫସଲ ବିକ୍ରି ପାଇଁ ଚାଷୀଙ୍କୁ ସଚେତନ କରିବାକୁ ଗୁଣପୁରରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଏହି ରଥ ଉଦ୍‌ଘାଟନ କରିଥିଲେ। ଗୋଟିଏ ରଥ ଗୁଣପୁର,ପଦ୍ମପୁର,ରାମନାଗୁଡା, ଗୁଡାରୀ ଅଞ୍ଚଳରେ ବୁଲିବ। ଆଉ ଗୋଟିଏ ରଥ ମୁନିଗୁଡା,ଚନ୍ଦ୍ରପୁର ଏବଂ ବିଷମକଟକ ଅଞ୍ଚଳ ବୁଲି ଚାଷୀଙ୍କୁ ସଚେତନ କରିବ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିନୋଦ ବିହାରୀ ପ୍ରଧାନ ଏହି ସମୟରେ ଉପସ୍ଥିତ ଥିଲେ। କେଉଁଦିନ କେଉଁ ସ୍ଥାନକୁ ଧାନ,କପା ଏବଂ ମାଣ୍ଡିଆ ଫସଲ ଅଣାଯିବ ସେ ନେଇ ରଥ ସଚେତନ କରିବ। ଦଲାଲଙ୍କ ଶିକାର ନ ହୋଇ ମଣ୍ଡିକୁ ଫସଲ ଆଣି ସରକାରୀଙ୍କ ଧାର୍ଯ୍ୟମୂଲ୍ୟରେ ବିକ୍ରି କରିବାକୁ ପ୍ରଚାର ରଥ ସଚେତନ କରିଛି।


ପ୍ରଚାର ରଥକୁ ଉପଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଗୁଣପୁର କୋର୍ଟ ଦୁଇଦିନ ବନ୍ଦ

ଗୁଣପୁର,୨୭।୧୧(ଡି.ଏନ.ଏ)-ଗୁଣପୁର ଆଇନଜୀବୀ ସୀମା ପଟ୍ଟନାୟକ(୫୬)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ଏଥିପାଇଁ ବୁଧବାର ଓ ଗୁରୁବାର ଦୁଇ ଦିନ କୋର୍ଟ କାର୍ଯ୍ୟ ବନ୍ଦ ରହିବ। ଓକିଲ ସଂଘ ସଭାପତି ଫଣୀ ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ଏକ ବୈଠକରେ ମୃତକଙ୍କ ଅମର ଆତ୍ମା ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯିବା ସହ କୋର୍ଟ ବନ୍ଦ ନିଷ୍ପତ୍ତି ନିଆଯାଇଛି। ଓକିଲ ସଂଘ ସଭାପତି ବିଶ୍ୱନାଥ ସାହୁଙ୍କ ସମେତ ଅନ୍ୟ ଓକିଲମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

### ସମ୍ବିଧାନ ଦିବସ
### ଗଣତନ୍ତ୍ରକୁ ବଞ୍ଚାଇବାକୁ ଆହ୍ୱାନ

ଟିକିରି, ୨୭।୧୧ (ଡି.ଏନ୍.ଏ.)- କାଶୀପୁରରେ ଏପିଆଇ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ସଭାପତି ସନ୍ତୋଷ କୁମାର ବିଡିକାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏପିଆଇ ଦଳ କାର୍ଯକାରିଣୀ ସଦସ୍ୟ ରାଜୁ କୁଳଦୀପ ମୁଖ୍ୟ ଅତିଥି ଏବଂ ବନମାଳୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଦେଶବାସୀ ସମାନ ବୋଲି ଅତିଥିମାନେ କହିଥିଲେ। ସମ୍ବିଧାନ ସୁରକ୍ଷା କରି ଗଣତନ୍ତ୍ରକୁ ବଞ୍ଚାଇବାକୁ କର୍ମୀଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଦଳର ବାଙ୍ଗାରୁ ମାଝି, ରାଜୀବ ମାଝି, ମହେନ୍ଦ୍ର କୁମାର ବିଡିକା, ରଞ୍ଜନ କୁମାର ତାଡିଙ୍ଗ, କେଶବ ନାଏକ, ମନୋଜ କୁମାର ନାଏକ, ଦିଲୀପ କୁମାର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ରାୟଗଡ଼ା ଅଫିସ, ୨୭।୧୧

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ରାୟଗଡ଼ା ଶାଖାର ଏକ ଜରୁରିକାଳୀନ ବୈଠକ ସ୍ଥାନୀୟ ଲାୟନ୍ସ କ୍ଲବରେ ବୁଧବାର ଅନୁଷ୍ଠିତ ହେଇଛି। ସଂଘର କେନ୍ଦ୍ରୀୟ କର୍ମକର୍ତ୍ତା ପ୍ରଶାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ସଭାପତି ଦିନବନ୍ଧୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିଟୁ କିଶୋର ପ୍ରମୁଖ ଯୋଗଦେଇଥିଲେ। ସାଉଥ୍‌କୋରେ ଖାଲି ଥିବା ପଦବୀ ପୂରଣ ନ ହେଲେ ଆଗାମୀ ଦିନରେ ରାୟଗଡ଼ା ସର୍କଲ ଚଳାଇବା ଅସମ୍ଭବ ବୋଲି ସେମାନେ କହିଛନ୍ତି। କର୍ମଚାରୀ ଅଭାବରୁ ବିଦ୍ୟୁତ ଉପଭୋକ୍ତା ସେବା ପାଇ ପାରୁନାହାନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ। ବକେୟା ୧୦ ଭାଗ ଏରିଏର ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି। ଏ ସବୁ ସମସ୍ୟା ଉପରେ ସାଉଥକୋ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନ ଦେଲେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଛି। ବିଜୟ କୁମାର ରାଉଳ ଡ଼ିଭିଜନ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

## ମୁନିଗୁଡା କଲେଜରେ କ୍ୟାରିୟର କାଉନ୍‌ସେଲିଂ

# ସଫଳତା ଆମ ହାତମୁଠାରେ

ମୁନିଗୁଡା, ୨୭।୧୧(ଡି.ଏନ୍.ଏ.)

ମୁନିଗୁଡା ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ଜାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ ଅତିଥି ଭାବେ ଭୁବନେଶ୍ୱର 'ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ' ପ୍ରଫେସର ରାଜ କୁମାର ପାଢ଼ୀ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଭବିଷ୍ୟତକୁ ନେଇ ଦେଖିଥିବା ସ୍ୱପ୍ନ କିଭଳି ପୂରଣ କରିପାରିବେ ସେ ନେଇ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ସଫଳତା ଆମ ହାତମୁଠାରେ ବୋଲି ଆଇକ୍ୟୁଏସି ସଂଯୋଜକ ରଜନୀକାନ୍ତ ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ.ରାମନାଥ ମହାପାତ୍ର, ବିରାଟ କିଶୋର ପଣ୍ଡା,ରମାକାନ୍ତ ଚିଞ୍ଚୁଆଣି, ଅସିତ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

କାଲିମେଲା,୨୭।୧୧(ଡି.ଏନ.ଏ.)

ମାଲକାନଗିରି କାଲିମେଲା ୩୨୬ ନଂ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ନିକଟରେ ମଙ୍ଗଳବାର ରାତିରେ ଏକ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଉଛନ୍ତି ଏମଭି-୩୪ ଗ୍ରାମର ଶ୍ୟାମଲ ଚୌଧୁରୀଙ୍କ ପୁଅ ଶାନ୍ତନୁ ଚୌଧୁରୀ(୩୫)। ଶାନ୍ତନୁ ଅପରାହ୍ନରେ ପଟେରୁସ୍ଥିତ ମଣ୍ଡିକୁ ଧାନ ବସ୍ତା ଆଣିବାକୁ ଯାଇ ଫେରଥିବା ବେଳେ କାଙ୍ଗୁରୁକୋଣ୍ଡା ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡର ଏକ ଗଛରେ ପିଟି ହୋଇଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ମାଲକାନଗିରି ମେଡିକାଲକୁ ନେଇଥିଲା। ସେଠାରେ ଡାକ୍ତର ଶାନ୍ତନଙ୍କୁ ମୃତ ଘୋଷଣା କରିଥିଲେ। ୧୮୭/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

# ମକ୍‌ଡ୍ରିଲରେ ସଚେତନତା

ମୁନିଗୁଡା, ୨୭।୧୧(ଡି.ଏନ୍.ଏ.)

ମୁନିଗୁଡା ଅଗ୍ନିଶମ ବାହିନୀ ପକ୍ଷରୁ ସ୍ଥାନୀୟ ଘମଟଗୁଡା ଗାଁରେ ଏକ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଛି। ମୁନିଗୁଡା ଅଗ୍ନିଶମ ଷ୍ଟେଶନ ଅଧିକାରୀ ଚିନ୍ମୟ ପ୍ରସାଦ ବେହେରା ଓ ହାବିଲଦାର ବ୍ରହ୍ମାନନ୍ଦ ପ୍ରଧାନଙ୍କ ମିଳିତ ନେତୃତ୍ୱରେ ଅନୁଷ୍ଠିତ ଏହି ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ କର୍ମଚାରୀ ସଂକୀର୍ତ୍ତନ ସାହୁ, ପ୍ରେମ ରଣା, ଦିଲୀପ ପ୍ରଧାନ, ପ୍ରମୋଦ କୁମାର ବେହେରା, ଦିଲୀପ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ଅଗ୍ନିକାଣ୍ଡ ସମୟରେ ନିଆଁକୁ ନିୟନ୍ତ୍ରଣ କରିବା, ବନ୍ୟା ବାତ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖିବା, ଏଲ୍‌ପିଜି ଗ୍ୟାସରୁ ନିଆଁ ଲାଗିଲେ ତାହାକୁ କିପରି ଲିଭାଇବା ସେନେଇ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି। ମହିଳାମାନଙ୍କୁ ସ୍ୱତନ୍ତ୍ରଭାବେ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ଘମଟଗୁଡ ସରପଞ୍ଚ ମଞ୍ଜୁଳା ବିଡ୍ରିକା, ସମିତିସଭ୍ୟ ଡାଳିମ୍ବ ନାଗ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଉଛି।

# ବିଷମକଟକରେ ଜନଜାଗରଣ ମଞ୍ଚ ସାଇକେଲ ଶୋଭାଯାତ୍ରା

ବିଷମକଟକ, ୨୭।୧୧

ଓଡିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ଗତ ୧୫ ତାରିଖରେ ମାଲକାନଗିରିରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା ବୁଧବାର ବିଷମକଟକରେ ପହଞ୍ଚିଛି। ରାଲିରେ ମାଲକାନଗିରି ଶ୍ରମଜୀବୀ ପୁରୁଷ ଏବଂ ମହିଳା ସଂଘ, କୋରାପୁଟର ଶ୍ରମିକ ବିକାଶ ମଞ୍ଚ ଏବଂ ରାୟଗଡାର ଜନଜାଗରଣ ମଞ୍ଚର ୬୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ନେଇ ରହିଥିବା ବିଭିନ୍ନ ଦାବି ସମ୍ପର୍କରେ ସଚେତନ କରିଥିଲେ। ପ୍ରକାଶ ଯେ, ଏହିସାଇକଲ ଯାତ୍ରା ଗତ ୧୫ତାରିଖ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରୁ ମାଲକାନଗିରିରୁ ବାହାରିଛି। ଏହା କୋରାପୁଟ,ରାୟଗଡା, କନ୍ଧମାଳ,ବୌଦ୍ଧ,ନୟାଗଡ ଦେଇ ଭୁବନେଶ୍ୱରରେ ପହଞ୍ଚିବ। ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବାଧିକାର ଦିବସରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ରହିଥିବା ବିଭିନ୍ନ ଦାବି ସମ୍ବନ୍ଧୀୟ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ।


ବିଷମକଟକରେ ପହଞ୍ଚିଥିବା ସାଇକେଲ ଶୋଭାଯାତ୍ରା।

# ଶାନ୍ତିପୂର୍ଣ୍ଣ ଭାବେ ସରିଲା କଣାବାଇ ଉପନିର୍ବାଚନ

ବିଷମକଟକ, ୨୭।୧୧

ବିଷମକଟକ ବ୍ଲକ କଣାବାଇ ପଞ୍ଚାୟତ ସମିତି ସଭ୍ୟ ନିମନ୍ତେ କରାଯାଇଥିବା ଉପନିର୍ବାଚନ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଏହି ପଦବୀ ପାଇଁ ଆଦି ପ୍ରାସ୍କା, ନାରୁନୁ ହୁଇକା ଏବଂ ରାଜୁ କଣ୍ଡାଗରୀଙ୍କ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବୁଧବାର ସକାଳ ସାତଟାରୁ ଭୋଟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇ ୧୨ଟାରେ ସରିଥିଲା। ସମୁଦାୟ ୭୬ପ୍ରତିଶତ ଭୋଟ ହୋଇଛି। ଭୋଟ ବାକ୍ସଗୁଡିକୁ କଡା ସୁରକ୍ଷା ବଳୟ ମଧ୍ୟରେ ବିଷମକଟକ ବ୍ଲକ କାର୍ଯ୍ୟାଳୟରେ ରଖାଯାଇଛି। ଗୁରୁବାର ଭୋଟଗଣତି କରାଯିବ। ପ୍ରକାଶ ଯେ, ୨୦୧୮ରେ ଉକ୍ତ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ନୀଳମଣି ହୁଇକାଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ଏହି ପଦବୀ ଖାଲି ରହିଥିଲା।



ଜଣେ ଭୋଟର ମତଦାନ କରୁଛନ୍ତି ।

# ୧୦ ଦଫା ଦାବିରେ ଚାଷୀଙ୍କ ବିକ୍ଷୋଭ

ଉପଜିଲାପାଳଙ୍କୁ ସ୍ମାରକପତ୍ର

ଗୁଣପୁର,୨୭।୧୧(ଡି.ଏନ୍.ଏ)

ଗୁଣପୁର ଅଞ୍ଚଳର କୃଷକଙ୍କ ସମସ୍ୟା ନେଇ ସିପିଆଇଏମ୍‌ଏଲ୍‌ର ଛାମୁଆ ସଙ୍ଗଠନ ଅଖିଳ ଭାରତ କୃଷକ ମହାସଭା ସମସ୍ୟମାନେ ଶୋଭାଯାତ୍ରାରେ ଯାଇ ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ କୃଷକ ମାରଣନୀତି ଆପଣାଉଛନ୍ତି। ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦ ଏବଂ କପା ୮୦୦୦ ଟଙ୍କା କରିବାକୁ ସେମାନେ ଦାବି କରିଛନ୍ତି। ଚାଷୀଙ୍କୁ ପ୍ରତି ଲ୍ୟାମ୍ପସ୍‌ରେ ଧାନ କ୍ରୟ ପାଇଁ ପଞ୍ଜୀକରଣ, ପାଣିଡଙ୍ଗର ଏବଂ ସାନ ନଦୀ ଉପରେ ଜଳ ପ୍ରକଳ୍ପ ନିର୍ମାଣ, ଶୀତଳ ଭଣ୍ଡାର ନିର୍ମାଣ, ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ପାଇଁ ବିକ୍ରୟ କେନ୍ଦ୍ର, ଚାଷୀଙ୍କୁ କୃଷିଋଣ ଛାଡ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା, ଚାଷୀଙ୍କୁ ୫ହଜାର ଟଙ୍କା ପେନସନ ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନବେଳେ କେନ୍ଦ୍ରୀୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ, ସମ୍ବରା ଶବର, କୈଳାସ ଶବର, ପ୍ରସାଦ ଲିମା, ଦିଶାନ ଗମାଙ୍ଗ, କୁରଣାକର ଲିମା, ରେଲି ଦଳବେହେରା, ଶୁକଦେବ ଶବର, ସୁଧୀର ପାଲକା ଉପସ୍ଥିତ ଥିଲେ।



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବ୍ରଜବାସୀ ମହାପାତ୍ର
ପ୍ରଭାତ ଲେନ୍, ଦତ୍ତତୋଟା, ପୁରୀ
ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଆଡ଼ଭୋକେଟ୍
ଆବିର୍ଭାବ: ୧୮।୦୬।୧୯୫୫
ତିରୋଧାନ: ୧୯।୧୧।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଦୀପ୍ତିରାଣୀ, ରିତେଶ, ସ୍ମରଣିକା, ଅଂଶୁମାନ, ସଞ୍ଚିତ୍ ଓ ଆତ୍ମୀୟସ୍ୱଜନ
ଧ-୬୮୦୨

ଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରମେଶଚନ୍ଦ୍ର ମିଶ୍ର
ଅମଲାପଡା, ଢେଙ୍କାନାଳ
ଆବିର୍ଭାବ: ୦୩।୦୧।୧୯୩୧
ତିରୋଧାନ: ୧୯।୧୧।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୬୨୮୩୩

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବସନ୍ତ କୁମାର ସାହୁ
ବଣିଆସାହି, ଗୋପ, ପୁରୀ
ଆବିର୍ଭାବ: ୨୬।୦୯।୧୯୪୪
ତିରୋଧାନ: ୧୮।୧୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପ୍ରଭା, ବାବୁ, ଯୋଗୀ, ଘାଗୁ, ରଶ୍ମି, ପୁଷ୍ପିତା, କୁକୁ, କୁନି, ସିନି, ଗୁଗୁଲୁ, ବବୁ, ସ୍ପନ୍ଦନ, ପ୍ରାଚୀ ଓ ପରିବାରବର୍ଗ ।
ଧ-୧୫୪୪୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଜୟଚନ୍ଦ୍ର ସାହୁ (ଜଇନ)
(ସମାଜସେବୀ)
ଗୋପୀନାଥପାଟଣା, ନିମାପଡା
ଆବିର୍ଭାବ: ତା.୧୦।୦୪।୧୯୬୩
ତିରୋଧାନ: ତା.୧୮।୧୧।୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବୋଉ, ବଡ଼ଭାଇ, ଭାଉଜ, ପତ୍ନୀ ମମତା, ପୂର୍ଣ୍ଣ, ବାବୁ, ରୋମା, ଭଣଜା, ଭାଣେଜୀ, ଭଉଣୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ଗ୍ରାମବାସୀବୃନ୍ଦ ।
ଧ-୬୮୭୧୦

## ସଂକ୍ଷେପରେ




### ଜେଏନ୍‌ୟୁ ଛାତ୍ରଙ୍କ ଉପରେ ଆକ୍ରମଣର ପ୍ରତିବାଦ

**ପାରଳାଖେମୁଣ୍ଡି,୨୭।୧୧ (ସ୍ୱ.ପ୍ର.):** ଜେଏନ୍‌ୟୁ ଛାତ୍ରଙ୍କ ଉପରେ ପୋଲିସର ଆକ୍ରମଣକୁ ନେଇ ବାମପନ୍ଥୀ ଦଳର ଭାରତୀୟ ଗଣତାନ୍ତ୍ରିକ ଯୁବ ସଙ୍ଗଠନ (ଡିୱାଇଏଫ୍‌ଆଇ) ଏବଂ ଭାରତୀୟ ଛାତ୍ର ସଙ୍ଗଠନ(ଏସ୍‌ଏଫ୍‌ଆଇ) ଗଜପତି ଶାଖା ପକ୍ଷରୁ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜେଏନ୍‌ୟୁରେ ଫି ବୃଦ୍ଧି ଯୋଗୁ ଛାତ୍ରମାନେ ଆନ୍ଦୋଳନ କରିଥିଲେ। ପରେ ସନ୍ଧ୍ୟାରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ହଷ୍ଟେଲରେ ପ୍ରବେଶକୁ ନିଶେଦ୍ଧ କରିଥିଲେ। ଫି ବୃଦ୍ଧିକୁ ନେଇ ଛାତ୍ରମାନେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିବାପାଇଁ ଚାହିଁଥିଲେ ମଧ କୁଳପତି ଛାତ୍ରମାନଙ୍କ ସହ ଦେଖା କରି ନ ଥିଲେ। ଏହାକୁ ନେଇ ଛାତ୍ରମାନେ ପ୍ରତିବାଦ କରିବା ସହ ପାର୍ଲାମେଣ୍ଟ ଦିଗକୁ ଯିବା ସମୟରେ ପୋଲିସ ଏବଂ ଅଣ ସାମରିକ ବାହିନୀ ଛାତ୍ରମାନଙ୍କୁ ଆକ୍ରମଣ କରିବା ସହ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ଗିରଫ କରିଥିଲେ। ଏହି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିବା ସହ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି। ତେଣୁ ପୋଲିସର ଏପରି ଅମାନୁଷିକ ଆକ୍ରମଣ ବିରୁଦ୍ଧରେ ଏସ୍‌ଏଫ୍‌ଆଇ ଓ ଡିୱାଇଏଫ୍‌ଆଇ ଗଜପତି ଜିଲା ଶାଖା ପକ୍ଷରୁ ଦିନ ୧୧ଟାରେ ପାରଳାଖେମୁଣ୍ଡି କଲେଜ ଛକରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ସଙ୍ଗଠନର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଜିଲା ସଭାପତି ଶୋମେସ ଶବର, ସମ୍ପାଦକ ସୁକୁ ଶବର, ପି. ମୁରଲୀକ୍ରିଷ୍ଣା ଯୋଗଦେଇ ଘଟଣାର ତୀବ୍ର ନିନ୍ଦା କରିଥିଲେ। ଏହାସହ ସମସ୍ୟାର ସମାଧାନ କରା ନ ଗଲେ ହିଂସାତ୍ମକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମକୁ କୃଷକ ନେତା ଏମ୍. ବାଙ୍ଗାରୀ, ଦଳିତ ନେତା ମୋହିତ ମିଶାଲ, ଆଦିବାସୀ ନେତା ବି. ଭୂୟାଁ ପ୍ରମୁଖ ପରିଚଳନା କରିଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନମେଳା

**କାଲିମେଳା/ପଡ଼ିଆ, ୨୭।୧୧ (ଡି.ଏନ.ଏ):** କାଲିମେଳାରେ ବ୍ଲକସ୍ତରୀୟ ଜ୍ଞାନବିଜ୍ଞାନ ମେଳା ମାଲାଭରମ ପଞ୍ଚାୟତର ଏମଭି-୮୮ସ୍ଥିତ ଡ.ଆମ୍ବେଡକର ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ଉମାଶଙ୍କର ଦଳାଇ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଜୋନ-୧ର ସମିର ମିସ୍ତ୍ରୀ, ମାଲାଭରମ ସରପଞ୍ଚ କିଟି ଉଇକା, ଏବିଇଓ ଚିନ୍ତା ହରଣ ମଧୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଶ୍ୱନାଥ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ଗଙ୍ଗାଧର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଶିକ୍ଷକ ଜୟନ୍ତ କୁମାର ସାମଲ ଅତିଥି ପରିଚୟ ଦେଇଥିଲେ। ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ଛାତ୍ରୀଛାତ୍ରୀମାନେ ସାମିଲ ହୋଇଥିଲେ। ମୋଟ ୧୧୧ଟି ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ବରିଷ୍ଠ ବିଭାଗରୁ ୩ ଓ କନିଷ୍ଠ ବିଭାଗରୁ ୩ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧକ୍ଷ ମାଲା ମାଢ଼ି ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ରମେଶ ବାରୋଇ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଏବିଇଓ ରବିନ୍ଦ୍ର ନାଥ ଧର, ଏମଭି-୮୮ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ପରିଡା ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଅଧିକାର, ଅଧିନିୟମ କର୍ମଶାଳା

ପାରଳାଖେମୁଣ୍ଡି,୨୭।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ବୁଧବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡି ପକ୍ଷରୁ ଭିନ୍ନକ୍ଷମମାନଙ୍କ ଅଧିକାର ଓ ଅଧିନିୟମକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଏସ୍‌ପି ସାରା ଶର୍ମା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସାମର୍ଥ୍ୟ ଅନୁଷ୍ଠାନର ଅଧକ୍ଷ ନିରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମମାନଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରଶାସକ ସନ୍ୟାସ କୁମାର ବେହେରା ଯୋଗଦେଇ




କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ଭିନ୍ନକ୍ଷମଙ୍କ ଅଧିକାର ଓ ଅଧିନିୟମ-୨୦୧୬ ବିଷୟରେ ଆଲୋକପାତ କରିଥିଲେ। ସେହିପରି ବିଶିଷ୍ଟ ଅତିଥିଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ ଭିନ୍ନକ୍ଷମ ମାନେ କିପରି ସେମାନଙ୍କର ପାଇଁ ରହିଥିବା ବିଭିନ୍ନ ଅଧିନିୟମ ବିଷୟରେ ସଚେତନ ହୋଇ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଭିନ୍ନକ୍ଷମମାନଙ୍କୁ ସମାଜରେ ଆର୍ଥିକଭାବେ ସ୍ୱାବଲମ୍ବୀ କରିବାପାଇଁ ବିଭିନ୍ନ ଅନୁଷ୍ଠାନ ସରକାରୀ କଳର ସହଭାଗିତାରେ କିପରି କାର୍ଯ୍ୟ କରୁଛନ୍ତି ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା। ଜିଲାରେ ୧୬ହଜାର ୪୩୩ଜଣ ଭିନ୍ନକ୍ଷମ ରହିଥିବାବେଳେ ସେମାନଙ୍କ ଅଧିକାର ଏବଂ ଅଧିନିୟମ ବିଷୟରେ କିପରି ସମସ୍ତେ ସଚେତନ ହେବେ ସେଥିପାଇଁ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ କରୁଥିବାବେଳେ ସରକାରଙ୍କ ପକ୍ଷରୁ ମଧ ପ୍ରଚେଷ୍ଟା ଜାରି ରହିବା ଆବଶ୍ୟକ ବୋଲି କର୍ମଶାଳାରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ମିଶ୍ର, ସାମର୍ଥ୍ୟ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ମହାରଣା, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ସିସିଡିର ସଂଯୋଜକ ତପନ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ ରକ୍ତଶିକୁଳିରେ ଆକ୍ରାନ୍ତ ମାଇକେଲ

# ପୁଅର ଉନ୍ନତ ଚିକିତ୍ସା ପାଇଁ ଜିଲାପାଳଙ୍କୁ ଗୁହାରି

କାଶୀନଗର, ୨୭।୧୧(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ୍ ଅଧୀନସ୍ଥ ବିଏଲପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ବାଲାଗା ମାଇକେଲ୍ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ପାଉଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରତିମାସରେ ଶରୀରରୁ ରକ୍ତ ବଦଳାଇବାକୁ ପଡୁଛି ବୋଲି ବାପା ବାଲାଗା ସୀମାଞ୍ଚଳମ୍ କହିଛନ୍ତି। ପାରଳାଖେମୁଣ୍ଡିର ୨ ଶିଶୁରୋଗ ବିଶେଷଜ୍ଞଙ୍କ ଅଧୀନରେ ପୁଅର ଚିକିତ୍ସା ଚାଲିଥିବାବେଳେ ଚିକିତ୍ସାଧୀନ ଥିବାବେଳେ ୧୫ବର୍ଷ ବୟସ ପର୍ଯ୍ୟନ୍ତ ଏପରି ରକ୍ତ ବଦଳାଇବାକୁ ପଡ଼ିବ ବୋଲି ଡାକ୍ତର କହୁଛନ୍ତି। ହେଲେ ଅଧିକ ପରୀକ୍ଷା ଏବଂ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲାସ୍ଥିତ ଭିଏସ୍‌ଏସ୍ ମେଡିକାଲକୁ ଯିବା ପାଇଁ ପରାମର୍ଶ ଦେଇଛନ୍ତି। ମାତ୍ର ବାପା ଜଣେ ଶ୍ରମିକ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଏଥିପାଇଁ ତାଙ୍କ ନିକଟରେ ସମ୍ବଳ ନ ଥିବା ସେ କହିଛନ୍ତି। ଏପରିକି ସେ ପୁଅର ଅଧିକ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଏଲପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଜରିଆରେ ଗଜପତି ଜିଲାପାଳଙ୍କୁ ଲିଖିତଭାବେ ନିବେଦନ କରିଛନ୍ତି। ଏହାର ଏକାକିତା ନକଲ କାଶୀନଗର ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ ମିଶ୍ରଙ୍କୁ ମଧ ଦେଇଛନ୍ତି। ପିଲାଟି ରୋଗାକ୍ରାନ୍ତ ହୋଇକଷ୍ଟ ପାଇବା ସହ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି ସ୍କୁଲ୍‌ର ପ୍ରଧାନଶିକ୍ଷକ ମଧ କହିବା ସହ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ମିଳିଲେ ସେ ଉପକୃତ ହେବେ ବୋଲି ପ୍ରକାଶ କରିଛନ୍ତି।



ମା' ବାପାଙ୍କ ସହ ମାଇକେଲ୍।

# ମହୁମାଛି ପାଳନ ସଚେତନତା, ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୋଷାଣି,୨୭।୧୧ (ଡି.ଏନ୍.ଏ.)

ଗୋଷାଣୀ ବ୍ଲକ୍ ଜଳବିଭାଜିକା କାର୍ଯ୍ୟାଳୟ ସଭାଗୃହରେ ବୁଧବାର ମହୁମାଛି ପାଳନ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସର୍ବଭାରତୀୟ ସଂଯୋଜିତ ମହୁମାଛି ପରାଗ ସଙ୍ଗମକାରୀ ଜୀବ ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦ୍ୟମରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅନୁସୂଚିତ ଜନଜାତିଙ୍କ ଜୀବିକା ଅର୍ଜନ ପାଇଁ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ନେଇ ପ୍ରଶିକ୍ଷଣ ଦିଆଯିବା ସହ ଏ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା। ପ୍ରାୟ ୧୫୦ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଓୟୁଏଟିର ଡ଼. ରାମାନାଥ ମହାପାତ୍ର, ପୂର୍ବତନ ପ୍ରଫେସର ଡ଼. ନିରଞ୍ଜନ ଶତପଥୀ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଗଜପତି ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ ସୁଦର୍ଶନ ଦୀକ୍ଷିତ ମହୁମାଛି ଚାଷକରି ଏକ ମହୁ ଗ୍ରାମ କହିବା ପାଇଁ ପରାମର୍ଶ ଦେଇଥିଲେ। ଗଜପତି ଉପ କୃଷି ନିର୍ଦ୍ଦେଶକ କେ. ସୁଦର୍ଶନ, ସିୟୁଟିଏମ୍‌ର ଅଧକ୍ଷ ସତ୍ୟ ପ୍ରସାଦ ନନ୍ଦ, ପାରଳାଖେମୁଣ୍ଡି ଆଇଟିଡିଏର ପିଓ ପ୍ରୀତିରଞ୍ଜନ ସାହୁ, ଡବ୍ଲ୍ୟୁଡିଓ ଜ୍ୟୋତିର୍ମୟୀ ପାଢ଼ୀ, ଏଓ ଭଦ୍ରମ୍ ଚକ୍ରଧର ଯୋଗଦେଇ ମହୁମାଛି ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପାରଳାଖେମୁଣ୍ଡି ଜଳ ବିଭାଜିକା ପ୍ରକଳ୍ପ ଏପିଡି ସିଦର୍ଶନ ସାହୁ ମହୁମାଛି ପାଳନ କରି କିପରି ଲାଭବାନ ହୋଇପାରିବେ ସେ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକ୍ ଜଳ ବିଭାଜିକା ଡବ୍ଲ୍ୟୁଏମ୍‌ଟି କର୍ମଚାରୀ ସହଯୋଗ କରିଥିଲେ।

## ଦେବ ଦୀପାବଳିରେ ଭଜନ ସନ୍ଧ୍ୟା

ପାରଳାଖେମୁଣ୍ଡି,୨୭।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦେବ ଦୀପାବଳି ଅବସରରେ ସୋମବାର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେବୀ ମଠର ସନ୍ଥ ରାମାନନ୍ଦଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଭଜନ ଶୁଣିବାକୁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ହେମନ୍ତ କୁମାର ପଟ୍ଟନାୟକ, କୁନାବାବୁ ହଳଧର, କୈଳାସ ପଟ୍ଟନାୟକ ପ୍ରମୁଖ କଣ୍ଠଶିଳ୍ପୀ ଏଠାରେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ରଥ, ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୀତାଞ୍ଜଳି ପଣ୍ଡା, ନୃସିଂହ ଚରଣ ପାଢୀ, ସାଇଲକ୍ଷ୍ମଣ ଏବଂ ଅଭିନେତା କନ୍ଦର୍ପ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସମ୍ବିଧାନ ଦିବସ ପାଳିତ

ପାରଳାଖେମୁଣ୍ଡି, ୨୭।୧୧(ସ୍ୱ.ପ୍ର.)

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜର ଅଧକ୍ଷା ରୀନା ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଅଧକ୍ଷା କହିଥିଲେ ଯେ, ପ୍ରତ୍ୟେକ ଦେଶର ସମ୍ବିଧାନ ହେଉଛି ଏହାର ମେରୁଦଣ୍ଡ, ଭାରତୀୟ ସମ୍ବିଧାନ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଏବଂ ସୁବିଧା ସୁଯୋଗ ପ୍ରଦାନ କରିଥାଏ। ଏନ୍‌ଏସ୍‌ଏସ୍ ଅଧାପିକା ଡ. ଭାରତୀ ପାଣିଗ୍ରାହୀ ସମ୍ବିଧାନର ମୁଖବନ୍ଧକୁ ସମସ୍ତ ଛାତ୍ରୀଙ୍କ ସହ ପାଠ କରିବା ସହ ଏହାର ଉଦ୍ଦେଶ୍ୟ ଏବଂ ଏଥିରେ ଡ. ବି. ଆର୍. ଅମ୍ବେଦକରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରାଜେଶ ପାତ୍ର ଏବଂ ଅଶୋକ ପ୍ରମୁଖ ପରିଚାଳନା କରିଥିଲେ।

## ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା ଶିବିର




ଶିବିରରେ ଡିଏଲ୍‌ଏସ୍‌ଏ ସମ୍ପାଦିକା ଏବଂ ଅନ୍ୟମାନେ।

ଗୋଷାଣି,୨୭।୧୧ (ଡି.ଏନ୍.ଏ.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୋଷାଣିଠାରେ ବୁଧବାର ଏକ ସଚୋତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡିଏଲ୍‌ଏସ୍‌ଏ ସମ୍ପାଦିକା ଦୀପା ଦାସ ଯୋଗଦେଇ ଆଇନର ବିଭିନ୍ନ ଧାରା, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ ଏବଂ ନ୍ୟାୟ ସଂଯୋଗ ବିଷୟରେ ସଚେତନ କରାଇଥିଲେ। ଲୋକେ କିପରି ମାଗଣାରେ ଆଇନ ସେବା ପାଇପାରିବେ ସେ ବିଷୟରେ ମଧ ସଚେତନ କରାଇଥିଲେ। ଏହାସହ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ମାଧ୍ୟମରେ ମାମଲାଗୁଡ଼ିକର କିପରି ତ୍ୱରିତ ସମାଧାନ ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ସେହିପରି ବେଆଇନ ଲିଙ୍ଗ ନିରୁପଣ ଓ କନ୍ୟାଭ୍ରୂଣ ହତ୍ୟା ଆଇନ ଉପରେ ମଧ ଆଲୋଚନା କରାଯାଇଥିଲା। ଅନ୍ୟତମ ଅତିଥିଭାବେ ଗୋଷାଣି ବ୍ଲକ୍ ବିଇଓ ସଂଗ୍ରାମ ଶେଖର ପଣ୍ଡା ଯୋଗଦେଇ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ସି.ଏଚ୍. ତାରାକେଶ୍ୱରୀ, ଉପାଧକ୍ଷ ଡି. ଦିଲେଶ୍ୱର ଏବଂ ଏବିଇଓ ଅଭିମନ୍ୟୁ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମଚାରୀମାନେ ପରିଚାଳନା କରିଥିଲେ।

## ପୁରାତନ ପୋଖରୀ ସଫେଇ କାର୍ଯ୍ୟକ୍ରମ ଆରମ୍ଭ

ପାରଳାଖେମୁଣ୍ଡି,୨୭।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ସମ୍ମୁଖରେ ରହିଥିବା ଏକ ପୁରାତନ ପୋଖରୀର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପୋଖରୀ ସହରର ଏକ ପୁରାତନ ପୋଖରୀ ହୋଇଥିବାବେଳେ ଦୀର୍ଘ ଦିନ ହେଲା ଅପରିସ୍କାର ଏବଂ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ଫଳରେ ଏହା ନିକଟରେଥିବା ବିଭିନ୍ନ ପ୍ରମୁଖ କାର୍ଯ୍ୟାଳୟ ଗୁଡ଼ିକର ସୌନ୍ଦର୍ଯ୍ୟ ମଧ ହ୍ରାସ ପାଉଥିଲା। ଏହି ପୋଖରୀ ନିକଟରେ ଡିଆରଡିଏ, ଜିଲା ପଞ୍ଚାୟତ ରାଜ ବିଭାଗ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ହେଲେ ଦୀର୍ଘ ଦିନର ପ୍ରତୀକ୍ଷାପରେ ପ୍ରଶାସନ ପକ୍ଷରୁ ପୋଖରୀର ସଫେଇ କାର୍ଯ୍ୟ କରାଯାଉଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ତେବେ ସଫେଇ କାର୍ଯ୍ୟ ସହ ଏହା ପରିସରକୁ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ପଦକ୍ଷେପ ନିଆଗଲେ କାର୍ଯ୍ୟାଳୟଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ଲୋକେ ଆନନ୍ଦ ଅନୁଭବ କରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

■ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# ପାଠପଢ଼ା ସହ ଖେଳକୁଦ ଜରୁରୀ

ପାରଳାଖେମୁଣ୍ଡି, ୨୭।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ କନିଷ୍ଠ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଗଜପତି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଉତ୍ସବରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଦୌଡ଼କୁଦ, ମ୍ୟୁଜିକ୍ ଚେୟାର, କୌତୁକ ପୋଷାକ, ଜାଭେଲିନ୍ ଥ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ଯୋଗଦେଇ ପାଠପଢ଼ା ସହ ପ୍ରତ୍ୟେକ ଦିନ ଖେଳକୁଦର ମଧ ଜରୁରି ବୋଲି କହିଥିଲେ। ଖେଳୁଆଡ଼ ମନୋଭାବ ରଖି ନିୟମିତ ଅଭ୍ୟାସ ଜାରି ରଖିଲେ ଜଣେ ନିଜକୁ ଉତ୍ତମ କ୍ରୀଡ଼ାବିତ୍‌ଭାବେ ଗଢ଼ି ତୋଳିବାରେ ସଫଳ ହୋଇପାରିବେ ବୋଲି ସେ କହିଥିଲେ। ଉତ୍ସବରେ +୨ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ବିଜୟଲକ୍ଷ୍ମୀ ନାୟକ ବିଭିନ୍ନ କ୍ରୀଡ଼ାରେ ଉତ୍ତମ ପ୍ରଦର୍ଶନ କରି ଚାମ୍ପିଅନ୍ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ଅରୁଣା କୁମାରୀ ସାମଲ, କ୍ରୀଡ଼ା ସଂସଦର ଉପସଭାପତି ଡ. ମହେନ୍ଦ୍ର କୁମାର ରଇତ, ପରାମର୍ଶଦାତା ଅଧାପକ ବାଗ୍ମିରଞ୍ଜନ ସେନ୍ ଉପସ୍ଥିତଥିବାବେଳେ ଅନ୍ୟ ଅଧାପିକା ଅଧାପକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ କଲେଜ ଅଧକ୍ଷା ଓ ଅନ୍ୟମାନେ।

**PROCLAMATION REQUIRING THE APPEARANCE OF THE ACCUSED**
**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**
C.C. No. 288 OF 2017
Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused
To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha
Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail
**(BY ORDER OF THE COURT)**
C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59

# ଶୀତରେ ବି ପିଇବାପାଣି ଚିନ୍ତା

ଦଶମନ୍ତପୁର,୨୭।୧୧(ଡି.ଏନ୍.ଏ.)

**ଦୋଲଦୋଲାରେ ଜଳ ସଙ୍କଟ**

- ■ ଦେଢ଼କିମି ଦୂର ଝୋଲାରୁ ପାଣି ପିଉଛନ୍ତି ଗାଁଲୋକ
- ■ ଥ୍ରୀ-ଫେଜ୍ ବିଦ୍ୟୁତ୍ ସମସ୍ୟା ପାଇଁ ଜଳ ଯୋଗାଣ ବ୍ୟାହତ
- ■ ଗାଁର ୩ ନଳକୂପରୁ ୨ ଅଚଳ



ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଦୋଲଦୋଲା ଗ୍ରାମରେ ୨ ମାସ ହେବ ଗାଁ ଲୋକେ ବୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଗାଁରେ ୫୦ ଘର ରହୁଥିବା ବେଳେ ଜନସଂଖ୍ୟା ୨୦୦ରୁ ଅଧିକ। ଗାଁରେ ୩ଟି ନଳକୂପ ଥିବାବେଳେ ସେଥିରୁ ବର୍ତ୍ତମାନ ୨ଟି ଅଚଳ୍ ହୋଇ ପଡ଼ିଛି। ଗୋଟିଏ ନଳକୂପରୁ ବିଦ୍ୟୁତ ମାଧ୍ୟମରେ ଟାଙ୍କିରେ ଜଳ ସଂରକ୍ଷଣ କରି ଏହାକୁ ଯୋଗାଇବା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଥ୍ରୀ-ଫେଜ୍ ବିଦ୍ୟୁତ ସମସ୍ୟା ଯୋଗୁ ଟାଙ୍କିକୁ ପାଣି ଚଢୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗାଁରୁ ଦେଢ଼ କିମି ଦୂର ଜଙ୍ଗଲିଆ ରାସ୍ତା ଦେଇ ପିଟଚୋଲ ଝୋଲା ଓ କଦମଝୋଲାରୁ ବହୁ କଷ୍ଟରେ ମହିଳାମାନେ ଜଳ ସଂଗ୍ରହ କରି ଆଣୁଛନ୍ତି ଓ ଏହାକୁ ହିଁ ପାନୀୟ ଭାବେ ବ୍ୟବହାର କରୁଥିବା କହିଛନ୍ତି ଜଗବନ୍ଧୁ ସାଉନ୍ତା, ପାଣ୍ଡୁ ସାଉନ୍ତା, ସିମା ଜାନୀ, ଫକିର ସାଉନ୍ତା, ନାଥ ହିକ୍‌କା, ଦର୍ଶନ ସାଉନ୍ତା, ପାନ ଜାନୀ, ସାଲ ସାଉନ୍ତା, ତୁଲା ହିକ୍‌କା। ୨୦୧୩ରେ ଏଭଳି ଝୋଲାର ଜଳ ବ୍ୟବହାର କରି ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଲୋକେ ଅସୁସ୍ଥ ହୋଇଥିଲେ। ପାନୀୟ ଜଳ ସମସ୍ୟା ନେଇ ବ୍ଲକ ପ୍ରଶାସନ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରେ ଜଣାଇଥିଲେ ମଧ କିଛି ଫଳ ମିଳୁନାହିଁ ଲକି ହିକ୍‌କା, ମକର ସାଉନ୍ତା, ଅଁଲା ଜାନୀ, ରୁକ ଜାନୀ, ସୁବାଇ ସାଉନ୍ତା, ସାବିତ୍ରୀ ହିକ୍‌କା, ଡମାଇ ସାଉନ୍ତା କହିଛନ୍ତି। ଅଚଳ୍ ନଳକୂପ ମରାମତି ସହ ଗାଁ ନିକଟସ୍ଥ ଯୋଗୀମାଳି ପାହାଡ଼ ଦେଇ ପ୍ରବାହିତ ହୁଆଡୋଙ୍ଗ ଓ ସାକଡ଼ାଡୋଙ୍ଗରେ ଥିବା ୨ ଜୋରରୁ ଟାଙ୍କି ଜରିଆରେ ଜଳ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆମ ବ୍ଲକରେ ଥିବା ୧୬ଟି ପଞ୍ଚାୟତ ପାଇଁ ଗୋଟିଏ ମାତ୍ର ଗାଡ଼ି ନିୟୋଜିତ ଅଛି। ତେଣୁ ଗାଁକୁ ଗାଁ ବୁଲି ପାଣି ସମସ୍ୟା ଦୂର କରିବା କଷ୍ଟକର ହେଉଛି। ଆଉ ଏକ ଗାଡ଼ି ଲଗାଇବା ପାଇଁ ସେ ବିଡିଓଙ୍କୁ ଜଣାଇଛନ୍ତି।

**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

**ନିବେଦନ**

୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/-
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/-
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/-
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/-
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନଚେତ୍ ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/-ଆଦାୟ କରାଯିବ।

ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।

**ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)**
**କାର୍ଯ୍ୟନିର୍ବାହୀ ଅଧିକାରୀ,**
**ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ।**

**ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)**
**ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା**
**-ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ**

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ନଭେମ୍ବର ୨୮ /୨୦୧୯ Rayagada, Thursday, November 28/ 2019

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

**ନବରଙ୍ଗପୁର,୨୭।୧୧(ବି.ପ୍ର.)**

ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଜିଲା ଯୁବ ମହୋତ୍ସବ ବୁଧବାର ଉଦଯାପିତ ହୋଇ ଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଯୁବକ ମାନେ କିପରି ଭାବେ ଏକଜୁଟ ହୋଇ ସମାଜକୁ ଏକ ନୂଆଦିଗ ଆଡକୁ ଆଗେଇ ନେବେ ସେ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗ ଦେଇଥିଲେ । କୃତି ପ୍ରତିଯୋଗୀଙ୍କୁ ବିଜୟ ସ୍ମାରକ, ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ବଂଶୀ ବାଦନରେ ପ୍ରମିତ ମେହେର, ହାରମୋନିୟମରେ ଦିସନେଶ୍ୱର ଶତପଥି ଓ ଇ. ଶ୍ରୀୟା ପାତ୍ର, ଗୀଟାରରେ ଶୁଭଶ୍ରୀ ରଥ, ତବଲାରେ କୃଷ୍ଣ ଭତରା, ଓଡିଶୀରେ ମନିଷା ରଥ, ସମରିକା ପ୍ରିୟ ଦର୍ଶନୀ ଓ ଶ୍ରୀୟା ପଟ୍ଟନାୟକ, ପ୍ରାଞ୍ଜଳା ଭାବେ ବକ୍ତୃତା ପ୍ରତିଯୋଗିତାରେ ଅମଟିକା ଦାଶ, ଅମିୟ କୁମାର ମିଶ୍ର, ଚନ୍ଦନା ମଲ୍ଲିକ, ଏକକ ସଙ୍ଗୀତରେ ପ୍ରଶାନ୍ତ ନାଗ, ଚନ୍ଦନା ମଲ୍ଲିକ, ନିହାରିକା ପନକା, ଫକ୍ ସଙ୍ଗିତ ଆନନ୍ଦ କୁମାର ଦାଶ, ଫକ୍ ଡ୍ୟାନ୍ସରେ ସରକାରୀ ହାଇସ୍କୁଲର କୋଡିଙ୍ଗା , ସାଇରାମ କଳାକେନ୍ଦ୍ର ଏବଂ ସରକାରୀ ହାଇସ୍କୁଲ ନାୟକଗୁଡା ଉମରକୋଟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ଯୋଗ ଦେବେ । ସମସ୍ତ କାର୍ଯ୍ୟକ୍ରମ ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା । କ୍ରୀଡା ଶିକ୍ଷକ ପ୍ରଭାତ ପଟ୍ଟନାୟକ, ଅଜିତ ପରିଜା, ବିଭାଶିଷ ଦେ, ଅଜୟ କମିଲା, ଅଟଳ ବିହାରି ହୋତା, ମଧୁସ୍ମିତା ସ୍ୱାଇଁ, ଗୋପାଳ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ଶିକ୍ଷକଙ୍କ ମଧ୍ୟରେ ମାରପିଟ ଗ୍ରାମବାସୀ ବିଦ୍ୟାଳୟରେ ପକାଇଲେ ତାଲା

**ଉମରକୋଟ,୨୭।୧୧(ଡି.ଏନ.ଏ)–** ବିଦ୍ୟାଳୟ ପରିସରରେ ୨ ଶିକ୍ଷକଙ୍କ ମଧ୍ୟରେ ମାରପିଟ। ଏହା ପରେ ବିଦ୍ୟାଳୟ ଛୁଟି କରିଦେଲେ ପ୍ରଧାନଶିକ୍ଷକ। ସ୍କୁଲ ଶୀଘ୍ର ଛୁଟି ହୋଇଥିବାରୁ ଏହା ଦେଖି ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିଲେ। ଏପରି ଘଟଣା ବୁଧବାର ଉମରକୋଟ ବ୍ଲକ ମିରିଗୁଡା ବିଦ୍ୟାଳୟରେ ଦେଖିବାକୁ ମିଳିଛି। କୌଣସି ଘଟଣାକୁ ନେଇ ସ୍କୁଲରେ ଶିକ୍ଷକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହା ପରେ ପ୍ରଧାନଶିକ୍ଷକ ସ୍କୁଲକୁ ଅପରାହ୍ନ ୨ଟାରେ ଛୁଟି କରି ଦେଇଥିଲେ। ଶୀଘ୍ର ସ୍କୁଲ ଛୁଟି ଦେଖି ଗ୍ରାମବାସୀ ଆସି ସ୍କୁଲରେ ତାଲା ପକାଇ ଦେଇଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ବିଦ୍ୟାଳୟରେ ଶିକ୍ଷକଙ୍କ ମଧ୍ୟରେ ଠିକ ଭାବେ ସମ୍ପର୍କ ନାହିଁ। ମଧ୍ୟାହ୍ନ ଭୋଜନ ନିମ୍ନମାନର ଦିଆଯାଉଛି। ଏ ସମ୍ପର୍କରେ ବିଇଓଙ୍କୁ ଜଣାଇଥିଲେ କିନ୍ତୁ ବିଇଓ କିଛି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର ମିରିଗୁଡା ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଦ୍ୟାଳୟର ତାଲା ଖୋଲିଛନ୍ତି। ଏହି ଘଟଣାରେ ପରେ ସ ସହକାରୀ ଶିକ୍ଷକଙ୍କ ବିରୋଧରେ ପ୍ରଧାନଶିକ୍ଷକ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମବାସୀ ମଧ୍ୟ ପ୍ରଧାନଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ସମ୍ବିଧାନ ଦିବସରେ ଶପଥ ପାଠ

ନବରଙ୍ଗପୁର,୨୭।୧୧(ବି.ପ୍ର.)- ଜାତୀୟ ସମ୍ବିଧାନ ଦିବସ ପାଳନ ଅବସରରେ ଡିଆରଡିଏ ସମ୍ମିଳନୀ କକ୍ଷରେ ଏକ ଶପଥ ପାଠୋଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଜିଲାପାଳ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ସିଡିଏମଓ ଡାକ୍ତର ସନ୍ତୋଷ କୁମର ସ୍ୱାଇଁ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲାପରିଷଦର ସଭ୍ୟା ସଭ୍ୟ, ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲାପାଳ ମିଶ୍ର ଭାରତର ସମ୍ବିଧାନ ଓ ନିୟମ ବିଚାରାଧାରା ଅନୁଯାୟୀ ସମସ୍ତେ ଦେଶର ଉନ୍ନତି ଓ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ । ସମ୍ବିଧାନ ଗଠନ ସମ୍ପର୍କରେ ଅବଗତ କରାଇ ଏଥିରେ ସମ୍ପୃକ୍ତ ମହାପୁରୁଷମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।ଜିଲାପରିଷଦ ଅଧକ୍ଷା ଭଗବତି ଭତ୍ରା ଧନ୍ୟବାଦ ଦେଇଥିଲେ।

### ସମିତି ସଭ୍ୟ ନିର୍ବାଚନ ପାଇଁ ମତଦାନ

ପାପଡାହାଣ୍ଡି,୨୭।୧୧(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦରର ସମିତି ସଭ୍ୟାସଭ୍ୟ ଓ ଖୁଟୁବାଇ ପଞ୍ଚାୟତ କନ୍ଧଗୁଡାର ୱାର୍ଡମେମ୍ବର ନିର୍ବାଚନ ବୁଧବାର ଶେଷ ହୋଇଛି । ପାପଡାହାଣ୍ଡି ସମିତି ସଭ୍ୟ ଲାଗି ୧୩ ଟି ମତଦାନ କେନ୍ଦ୍ର ହୋଇଥିଲା । ତିନି ଜଣ ପ୍ରାର୍ଥୀ ରହିଥିଲେ। ୭୦୮୯ ଭୋଟରରୁ ୩୩୪୯ ଜଣ ମତଦାନ କରିଥିଲେ ।ମୋଟ ୪୭.୨୪% ମତଦାନ ହୋଇଛି । ସେହିପରି ଖୁଟୁବାଇ କନ୍ଧଗୁଡା ୱାର୍ଡ ମେମ୍ବର ଲାଗି ୨ ଜଣ ପ୍ରାର୍ଥୀ ରହିଥିବା ବେଳେ ମୋଟ ୨୦୫ ଭୋଟରରୁ ୧୭୦ ଜଣ ମତଦାନ କରିଥିଲେ । ୮୨.୯୨ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ଗୁରୁବାର ଭୋଟ ଗଣତି ହେବ ।

### ରେଡକ୍ରସ୍ ସୋସାଇଟି ପକ୍ଷରୁ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର

କାଲିମେଲା,୨୭।୧୧(ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତର ଏମଭି-୭୯ ସ୍ଥିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଜୁନିୟର ମହାବିଦ୍ୟାଳୟରେ ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖା ପକ୍ଷରୁ ଜିଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟନ ହୋଇଛି । ଏହି ଶିବିର ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି ମୁଖ୍ୟବକ୍ତା ରୂପେ ଉପଜିଲାପାଳ ରାମେଶ୍ୱର ପ୍ରଧାନ ଓ ସମ୍ମାନିତ ଅତିଥି ରୂପେ ଡେପୁଟି ଜିଲାପାଳ ତଥା ଜିଲା ରେଡକ୍ରସ ସମ୍ପାଦକ ପ୍ରମୋଦ କୁମାର ବେହେରା, ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା, କାଲିମେଲା ଜୁନିୟର ମହାବିଦ୍ୟାଳୟ ଅଧକ୍ଷ ହିମାଂଶୁ କୁମାର ଦତ୍ତ, କୁଡୁଗୁଲୁଗୁମ୍ମା ଜୁନିୟର କଲେଜ ଅଧକ୍ଷ ଗୌରୀଶଙ୍କର ବେହେରା, ମାଲକାନଗିରି ରେଡକ୍ରସର ସଂଯୋଜକ ଡ. ଆଶିଷ ରାଠୋର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏମଭି-୭୯ ଜୁନିୟର କଲେଜ ଅଧକ୍ଷ ପ୍ରଶାନ୍ତ କୁମାର ପାଢୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ କରାଯାଇଥିଲା। ମୁଖ୍ୟଅତିଥି ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ। ଅସୁବିଧାରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦେଇଥିଲେ। ସେବା ଓ ବନ୍ଧୁତ୍ୱ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟବକ୍ତା ଛାତ୍ରୀଛାତ୍ରମାନେ ନିଜ ଅଞ୍ଚଳରେ ଦୁର୍ଦ୍ଦିନରେ ପୀଡିତ ଲୋକଙ୍କ ସେବା ପରିବାରକୁ ପରାମର୍ଶ ଦେଇଥିଲେ। ବିଡିଓ ଉମା ଶଙ୍କର ଦଳାଇ ବ୍ୟକ୍ତିତ୍ୱ ବିକାଶ ଉପରେ ନିଜ ମତ ରଖିଥିଲେ। ଅନ୍ୟତମ ଅତିଥି ରୂପେ ଉପସ୍ଥିତ ସ୍ଥାନୀୟ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ସାଇବର କ୍ରାଇମ ବିଷୟରେ ଆଲୋଚନା କରିଥିବାବେଳେ ସ୍ଥାନୀୟ ଥାନା ଅଧିକାରୀ ମମତା ପାଣିଗ୍ରାହୀ ସଡ଼କ ସୁରକ୍ଷା ଉପରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ୩୦ ଜଣ କାଉନସିଲର,୧୬୦ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ଛାତ୍ରୀଛାତ୍ର,ଅଧାପକ ଅଧାପିକା ଉପସ୍ଥିତ ଥିଲେ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁଥ ପାର୍ଲାମେଣ୍ଟ

**ନବରଙ୍ଗପୁର,୨୭।୧୧(ବି.ପ୍ର.)**

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସମ୍ବିଧାନ ଦିବସ ଓ ଯୁଥ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ମିଶନ ଶକ୍ତି ହଲ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମପି ବଳଭଦ୍ର ମାଝୀ ଯୋଗ ଦେଇ ସମ୍ବିଧାନ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ବିଧାନ ବିଷୟରେ ସମସ୍ତେ ଜାଣିବା ଆବଶ୍ୟକ। ସମସ୍ତ ଭୋଟର ଜଣେ ଜଣେ ରାଜନୈତିକ ବ୍ୟକ୍ତି । ରାଜନୀତି ଛାଡି ସରକାର ଚାଲିବା ଅସମ୍ଭବ । ରାଜନୀତିକୁ ଖରାପ ଦୃଷ୍ଟିରେ ଦେଖିବା କଥା ନୁହଁ। ଭାରତର ସମ୍ବିଧାନ ସାରା ବିଶ୍ୱର ସବୁଠାରୁ ବଡ ଲିଖିତ ସମ୍ବିଧାନ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ରାଜନିତୀ ବିଜ୍ଞାନ ପ୍ରାଧାପକ ବିଜୟ କୁମାର ମିଶ୍ର ଯୋଗ ଦେଇ ଭାରତର ସମ୍ବିଧାନ ସର୍ବ ବୃହତ ହୋଇଥିବା ବେଳେ ୩୯୫ଟି ଧାରା, ୭ଟି ସିଡ୍ୟୁଲ ନେଇ ଗଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ବିଭିନ୍ନ ସଂଶୋଧନ କରାଯାଇଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗ ଦେଇ ଭାରତର ଯୁବ ସଂଖ୍ୟା ଅଧିକ ରହିଛନ୍ତି । ଦେଶକୁ ଆଗେଇବା ପାଇଁ ଯୁବକମାନେ ସମ୍ବିଧାନ ଅନୁଯାଇ କାର୍ଯ୍ୟ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ସଂଗ୍ରାମ କେଶୋରୀ ସାମନ୍ତରାୟ, ଖବରଦାତା ବାଙ୍କବିହାରୀ ବିଷୋୟୀ, ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ଷଡଙ୍ଗୀ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ମମତା ନାୟକ ପ୍ରମୁଖ ସମ୍ବିଧାନ ଦିବସ ସମ୍ପର୍କରେ କହିଥିଲେ । ନେହେରୁ ଯୁବ କେନ୍ଦ୍ରରର ଲେଖାପାଳ ଉଦୟ ଶଙ୍କର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।




କାର୍ଯ୍ୟକ୍ରମରେ ପୂର୍ବତନ ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ ।

# ଆଇନ ସଚେତନତା ଶିବିର

**ନବରଙ୍ଗପୁର, ୨୭।୧୧(ବି.ପ୍ର.)**

ନବରଙ୍ଗପୁର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଏକଲବ୍ୟ ଆଦର୍ଶ ବିଦ୍ୟାଳୟଠାରେ ଆଇନସେବା ପ୍ରାଧିକରଣର ବିଭିନ୍ନ ନିୟମକୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେ. ଦାସ ଯୋଗଦେଇ ପିଲାମାନଙ୍କୁ ଜିଲା ଆଇନ ସେବା ପ୍ରାଧିକରଣର ସହାୟତା ନେଇ କାର୍ଯ୍ୟ କରିବା ପାଇଁ କହିଥିଲେ । ପିଏଲଭିମାନଙ୍କ ସାହାଯ୍ୟ କିପରି ନେଇପାରିବେ ସେ ନେଇ ସଚେତନ କରିଥିଲେ । ଅନ୍ୟ ଅତିଥି ଭାବେ ବରିଷ୍ଠ ଦେୱାନୀ ଜଜ ଏସ. ଶୁଭଲକ୍ଷ୍ମୀ, ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ, ଆଇନଜୀବୀ ସଲମା ବାନୋ ଓ ପ୍ରିନ୍ସିପାଲ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ବରିଷ୍ଠ ଦେୱାନିଜଜ ଏସ. ଶୁଭଲକ୍ଷ୍ମୀ ଓ ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ ଲୋକ ଅଦାଲତର ଉପକାରିତା, ମଧ୍ୟସ୍ଥତା ଦ୍ୱାରା ଆପୋଷ ବୁଝାମଣା କିପରି କରିପାରିବେ ସେ ନେଇ ପିଲାମାନଙ୍କୁ ସଚେତନ କରିଥିଲେ। ପ୍ରିନ୍ସିପାଲ ରାଜେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଆଜିଠୁ କୋଡିଙ୍ଗା ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ ଦିଆଯିବ ଗଣଧାରଣା

**କୋଡିଙ୍ଗା,୨୭।୧୧(ଡି.ଏନ.ଏ)–**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗାଠାରେ ୩ ଦଫା ଦାବିକୁ ନେଇ କୋଡିଙ୍ଗା ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ ଗୁରୁବାରଠାରୁ ଗଣଧାରଣା ଦିଆଯିବ। କୋଡିଙ୍ଗାଠାରେ ଏକ ଟ୍ରେଜେରୀ, ଯୁକ୍ତ୩ ମହାବିଦ୍ୟାଳୟ, ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇ ପାରି ନାହିଁ । ଫଳରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଦାବି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେଥିପାଇଁ ଗୁରୁବାରଠାରୁ ଗଣଧାରଣା ଦିଆଯିବ। ଯଦି ଆଗାମୀ ୭ ଦିନ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିନ୍ତି ୮ମ ଦିନରେ ଚକାବନ୍ଦ କରାଯିବ। ନବମ ଦିନରେ ଅନଶନ , ୧୦ମ ଦିନରେ ଦୋକାନ ବଜାର ବନ୍ଦ ଏବଂ ୧୧ ଦିନ ଠାରୁ ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି କୋଡିଙ୍ଗା ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

# ପରିବାର ଅଦାଲତ ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ନବରଙ୍ଗପୁର,୨୭।୧୧(ବି.ପ୍ର.)**

ନୂତନ ଭାବେ ଯୋଗ ଦେଇଥିବା ପରିବାର ଅଦାଲତ ଜଜ୍ ଶୋଭନ କୁମାର ଦାଶଙ୍କୁ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଅଦାଲତ ପରିସରସ୍ଥ ସମ୍ମିଳନୀ ଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ରାମ ପ୍ରସାଦ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ଦୌରା ଜଜ୍ ଅଶୋକ କୁମାର ପଣ୍ଡା ଯୋଗ ଦେଇ ଅଦାଲତର ସମସ୍ତ ବିଚାରପତି, ଆଇନଜୀବୀ ଓ କର୍ମଚାରୀ ଗୋଟିଏ ପରିବାରର ସଦସ୍ୟ ବୋଲି କହିଥିଲେ । ବରିଷ୍ଠ ଆଇନଜୀବୀ ଗଙ୍ଗାଧର ସାମନ୍ତରାୟ, ସମରେଶ ଗନ୍ତାୟତ, ସନ୍ତୋଷ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ନମିତା ପଟ୍ଟନାୟକ ପ୍ରମୁଖ ଜଜ୍‌ଙ୍କୁ ସ୍ୱାଗତ ଜଣାଇଥିଲେ। । ଉପସଭାପତି ହରିନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ । ବରିଷ୍ଠ ଆଇନଜୀବୀ ପ୍ରକାଶଚନ୍ଦ୍ର ମିଶ୍ର, ଶଶିଗିରି ରାଓ, ରବିନ୍ଦ୍ର ନାଥ ବେବର୍ତ୍ତା, ଦେବୀ ପ୍ରସାଦ ସିଂ, ମାନଓ ତ୍ରିପାଠୀ, ସ୍ନେହଲତା ଦେବୀ, ମିନାକ୍ଷୀ ପାଢୀ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏସଏଚଜି ପକ୍ଷରୁ ଅଭିଯୋଗ

**ନବରଙ୍ଗପୁର,୨୭।୧୧(ବି.ପ୍ର.)–**

କୋଷାଗୁମୁଡା ବ୍ଲକ କର୍ଚ୍ଚାମାଳ ଏସଏସଡି ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବିରୋଧରେ ଗଙ୍ଗାଗୌରା ଏସଏଚଜି ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ମଧ୍ୟାହ୍ନ ଭୋଜନ ଚାଉଳ ବିଦ୍ୟାଳୟ ବଦଳରେ ଛାତ୍ରୀନିବାସରେ ପ୍ରଧାନଶିକ୍ଷକ ରଖିଛନ୍ତି। ପିଲାମାନଙ୍କ ଅନୁପାତରେ ଆବଶ୍ୟକ ଚାଉଳ ଦେଉ ନାହାନ୍ତି, ମଧ୍ୟାହ୍ନ ଭୋଜନ ସମ୍ପର୍କରେ ଏସଏମଏସ ଦେଉ ନାହାନ୍ତି, ମଧ୍ୟାହ୍ନଭୋଜନ ଖର୍ଚ୍ଚ ଅର୍ଥ ଠିକ ସମୟରେ ଦେଉ ନାହାନ୍ତି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ପଦ୍ମା ପୂଜାରୀ, ରଦମା ମାଝି ଅଭିଯୋଗ କରିଛନ୍ତି।

# ଜୁମ୍ମଡାଙ୍ଗରେ ରାଜସ୍ୱ କର୍ମଚାରୀ

**ଚିତ୍ରକୋଣ୍ଡା,୨୭।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ରାଲେଗଡ଼ା ପଞ୍ଚାୟତର ଜୁମଡ଼ାଙ୍ଗ ଗ୍ରାମକୁ ଆନ୍ଧ୍ର ନିଜ କବ୍‌ଜାକୁ ନେବା ଲାଗି ଉଦ୍ୟମ କରୁଥିବା ଖବର ପ୍ରକାଶ ପାଇବା ପରେ ଓଡ଼ିଶା ସରକାରଙ୍କ ତତ୍ପରତା ପ୍ରକାଶ ପାଇଛି। ନିକଟରେ ୮ଜଣିଆ ଟିମ୍ ଗ୍ରାମକୁ ଆସି ଅନୁଧ୍ୟାନ କରି ଫେରିଥିବାବେଳେ ଏବେ ରାଜସ୍ୱ ବିଭାଗ କର୍ମଚାରୀ ଏହି ଗ୍ରାମକୁ ଗସ୍ତରେ ଆସି ଫେରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁଙ୍କ ନେତୃତ୍ୱରେ ଦୁଇ ଜଣିଆ ଟିମ୍ ଜୁମଡ଼ାଙ୍ଗ ଗ୍ରାମକୁ ଆସିଥିଲେ। ରାଜସ୍ୱ ନିରୀକ୍ଷକ ସନ୍ଦୀପ ବେହେରା ଓ ରାଜସ୍ୱ ପରିଦର୍ଶକ ବଳଭଦ୍ର ମହାରଣା ଜୁମଡ଼ାଙ୍ଗରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସ୍ଥିତି ପରଖିଥିଲେ। ଏହି ଜୁମଡ଼ାଙ୍ଗ ଗ୍ରାମ ସମ୍ପୂର୍ଣ୍ଣ ଓଡ଼ିଶା ଭିତରେ ଅଛି। ଏଠାରେ କନ୍ଧ ସମ୍ପ୍ରଦାୟର ୪୦ ପରିବାର ବସବାସ କରୁଛନ୍ତି। ଭୂ-ବନ୍ଦୋବସ୍ତରେ ସମସ୍ତେ ଜମି ପାଇଛନ୍ତି। ଓଡ଼ିଶାର ପୁରୁଣା ରାଶନ କାର୍ଡ ଏବଂ ଭୋଟର କାର୍ଡ ସମସ୍ତଙ୍କ ପାଖରେ ରହିଛି। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଜଙ୍ଗଲ ଜମି ପଟ୍ଟା ପାଇଁ ୨୩ ଜଣଙ୍କଠାରୁ ଏବଂ ୧୬ ଜଣଙ୍କଠାରୁ ଘର ଡିହ ପଟ୍ଟା ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଟିମ୍ ନିଜ କାର୍ଯ୍ୟାଳୟକୁ ଫେରି ଜୁମଡ଼ାଙ୍ଗରସ୍ଥିତି ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତୁରନ୍ତ ସେମାନଙ୍କୁ ଜଙ୍ଗଲ ଜମି ତଥା ଘରଡିହ ପଟ୍ଟା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଦୋରା କହିଛନ୍ତି।

# ବିଜ୍ଞାନମେଳା :୫୪ ପ୍ରକଳ୍ପ ପ୍ରଦର୍ଶିତ

**ଡାବୁଗାଁ,୨୭।୧୧ (ଡି.ଏନ.ଏ.)–**

ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବୈଜ୍ଞାନିକ ପଦ୍ଧତିରେ କୃଷି, ସ୍ୱଚ୍ଛ ଓ ସ୍ୱାସ୍ଥ୍ୟ, ସମ୍ବଳର ବିନିଯୋଗ, ଉନ୍ନତ ଶିଳ୍ପ, ପରିବହନ ଓ ଯୋଗାଯୋଗ, ଶିକ୍ଷା ଓ ଗଣିତ ଖେଳ ମଡେଲ ଆଦିବିଷୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ମୋଟ ୫୪ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ପ୍ରାଧ୍ୟାପକ ଗିରିଶ ମୋହନ ଦାସ, ଅଧ୍ୟାପକ ପ୍ରଜ୍ଞାଞ୍ଜନ ପଟ୍ଟନାୟକ ଓ ମନୋଜ ଭତରା ଯୋଗ ଦେଇ ୬ ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରିଥିଲେ । କନିଷ୍ଠ ବିଭାଗରେ ଅନିଶ କୁମାର ବେହେରା (୧ମ), ଶର୍ମୀଷ୍ଠା ସାହୁ (୨ୟ) ଓ କବିତା ପୂଜାରୀ (୩ୟ)ଏବଂ ବରିଷ୍ଠ ବିଭାଗରେ ଗୁପ୍ତ ମେହେରା (୧ମ), ଆଦର୍ଶ ପ୍ରତ୍ୟୁଷ କର୍କରା (୨ୟ) ଓ ବିକାଶ କୁମାର ପଣ୍ଡା (୩ୟ) ସ୍ଥାନ ଅଧିକାର କରି ଜିଲା ସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ । ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଆବାହକ ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରୋହିତ ନାଗ, ସଂଯୋଜକ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁ ସାହୁକାର, ଏମପି ପ୍ରତିନିଧି ଏମ. ଆପ୍ପା ରାଓ, ଏମ୍. ବୁଲୁ ରାଓ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ଶାହା, ଲକ୍ଷ୍ମୀକାନ୍ତ ବାହିନୀପତି ଓ ଅଞ୍ଜଳି ବଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ବିକାଶ ରଞ୍ଜନ ନିଶଙ୍କ, ରତିକାନ୍ତ ନାୟକ, ଧନସିଂ ତନ୍ତୀ ଓ ରାଇସିଂ ପୂଜାରୀ, ଶିକ୍ଷୟିତ୍ରୀ ଗିରିଶିବାଳା ଜେନା, ବନଲତା ମହାନ୍ତି, ଅନିତା ବେହେରା, ବିଷ୍ଣୁପ୍ରିୟା ବେହେରା, ପ୍ରତିମା ମାଝୀ, ଶିକ୍ଷକ ଭି. ଜଗନ୍ନାଥ ରାଓ, ବଲ୍ଲଭ ନାରାୟଣ ପଣ୍ଡା, ଜିତେନ୍ଦ୍ର କୁମାର ମାଝୀ, ବିଶ୍ୱେଷ କୁମାର ତ୍ରିପାଠୀ, ସୌଭାଗ୍ୟ ବିଶ୍ୱାଳ, ସୁରେଶ ଚନ୍ଦ୍ର ବେହେରା, ଧଳେନ୍ଦ୍ର ଦ୍ୱାରି ପ୍ରମୁଖ ସହଯୋଗ କରିଥିଲେ।




ଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

